# ଭଞ୍ଜନଗର ଜଳଭଣ୍ଡାରରେ ପାଣି ଅଭାବ

**ନଦୀ, କେନାଲରେ ଅଘୋଷିତ ଭାବେ ଛଡ଼ାଯାଉଛି**

ଭଞ୍ଜନଗର,୧୧।୧୦(ବାବୁଲା ପ୍ରଧାନ): ଭଞ୍ଜନଗର ଜଳଭଣ୍ଡାରରେ ବର୍ତ୍ତମାନ ମାତ୍ର ୩୭.୫ ପ୍ରତିଶତ ପାଣି ରହିଛି। ଆଗକୁ ଯଦି ବର୍ଷା ନ ହେବ ତେବେ ଭଞ୍ଜନଗର ସହରବାସୀ ପିଇବା ପାଣି ପାଇବା ସମସ୍ୟା ଦେଖା ଦେଇପାରେ। ବହୁବର୍ଷ ପରେ ଏଭଳି ସ୍ଥିତି ଦେଖାଦେଇଛି। ଭବିଷ୍ୟତକୁ ଆଖି ଆଗରେ ରଖି ଭଞ୍ଜନଗର ଜଳସମ୍ପଦ ବିଭାଗ ପକ୍ଷରୁ ବର୍ତ୍ତମାନଠୁ ପାଣି କିଭଳି ମହଜୁଦ ରହିବ ସେ ନେଇ ଯୋଜନା କରିବା ଆବଶ୍ୟକ। ଅନ୍ୟପଟେ ଜଳଭଣ୍ଡାର ଅଧାରୁ ଅଧିକ ଶୁଖିଲା ପଡ଼ିଥିବା ବେଳେ ଗତ ୫ ଦିନ ହେବ ନଦୀ ଏବଂ କେନାଲରେ ପାଣି ଛଡ଼ାଯାଉଛି। ତାହା ମଧ୍ୟ ଅଘୋଷିତ ଛଡା ଯାଉଛି। ଅଘୋଷିତ ଭାବେ ପାଣି ଛଡ଼ାଯାଇଥିବାରୁ ଗୁରୁବାର ବରଙ୍ଗ ନାଳରେ ଭାସି ଯାଇ ଜଣେ ଡିପ୍ଲୋମା ଛାତ୍ରଙ୍କ ମୃତ୍ୟୁ ଘଟିଥିବାରୁ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୧୮୯୪ରେ ତତ୍କାଳୀନ


ଜଳଭଣ୍ଡାର ଶୁଖିଲା ପଡିଛି।

ବ୍ରିଟିଶ ଶାସକ ରସଲ ସାହେବଙ୍କ ନାମରେ ରସଲକୋଣ୍ଡା (ଭଞ୍ଜନଗର) ଜଳଭଣ୍ଡାର ନିର୍ମାଣ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବ୍ରହ୍ମପୁର ସହରକୁ ପିଇବା ପାଣି ଯୋଗାଣ ସହ ନଦୀର ଉଭୟ ପାର୍ଶ୍ୱ ଜମିକୁ ଜଳସେଚନ ସୁବିଧା କରିବା। ବ୍ରିଟିଶ ଶାସକମାନେ ଦେଶ ସ୍ୱାଧୀନତା ପୂର୍ବରୁ ଏହାକୁ ନିର୍ମାଣ କରିଥିଲେ। ସ୍ୱାଧୀନତା ପରେ ୧୯୫୩ରେ ରସଲକୋଣ୍ଡା ଜଳଭଣ୍ଡାରର ନାମ ଭଞ୍ଜନଗର ଜଳଭଣ୍ଡାର ନାମରେ ନାମିତ ହୋଇଥିଲା। ବର୍ତ୍ତମାନ ଜଳଭଣ୍ଡାରର ଅନେକ ବିକାଶ ହୋଇଛି। ଜଳଭଣ୍ଡାରକୁ ଲାଗି ରାଜ୍ୟର ଜଣାଶୁଣା ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଏବଂ ରାଜ୍ୟର ପ୍ରଥମ ସରକାରୀ ୱାଟର ପାର୍କ ନିର୍ମାଣ ହୋଇଛି। ଏଥିସହ ରାଜ୍ୟର ସର୍ବୋଚ୍ଚ ଶିବ ପ୍ରତିମା ଜଳଭଣ୍ଡାରକୁ ଲାଗି ପ୍ରତିଷ୍ଠା ହୋଇଛି। କିନ୍ତୁ ଗତ କିଛି ମାସ ହେବ ପରିଚାଳନାଗତ ତ୍ରୁଟି ଯୋଗୁଁ ତାହା ଠିକ ଭାବେ ଚାଲୁନାହିଁ। ୱାଟର ପାର୍କ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି। ବର୍ତ୍ତମାନ ଜଳଭଣ୍ଡାରର ଜଳ କିଭଳି ଗଚ୍ଛିତ ରହିବ ତାହାର ଚିନ୍ତା କରାଯାଉନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁଁ ସହରବାସୀ ଆଗକୁ ପାଣି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏନେଇ ଭଞ୍ଜନଗର ଜଳସେଚନ ବିଭାଜନ କାର୍ଯ୍ୟାଳୟର ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମାଧବରିଡା ଆନିକଟକୁ ପାଣି ଆବଶ୍ୟକତା ପଡ଼ିଲା। ତେଣୁ ୫ ଦିନ ପାଣି ଛଡ଼ା ଯାଇଛି। ଆଉ ୧୦ରୁ ୧୫ ଦିନ ଏପରି ପାଣି ଛଡ଼ାଯିବ। ବର୍ତ୍ତମାନ ସମୟରେ କେନାଲ, ନଦୀରେ ପାଣି ଛାଡ଼ିଲେ ଧେଣ୍ଡୁରା ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବା ଆବଶ୍ୟକ ନାହିଁ। ବର୍ଷା ଋତୁରେ ପାଣି ଅଧିକ ଥିଲେ ସଚେତନ କରାଯାଇଥାଏ। ଜନସାଧାରଣଙ୍କ ହିତକୁ ଦେଖି ପଦକ୍ଷେପ ନିଆଯାଉଛି ବୋଲି ସେଠୀ କହିଛନ୍ତି।

## ସଂକ୍ଷେପରେ

### ମଦ ବୋଝେଇ କାର ଜବତ ଘଟଣା, ୨ ଜେଲ ଗଲେ

ଦିଗପହଣ୍ଡି,୧୧।୧୦(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି – ଚିକିଟି ମୁଖ୍ୟ ରାସ୍ତାର ପଦ୍ମନାଭପୁର ଶନିଶ୍ଚର ମନ୍ଦିର ନିକଟରେ ଦିଗପହଣ୍ଡି ପୋଲିସ ଗୁରୁବାର ଗାଡିମୋଟର ଯାଞ୍ଚ କରିବା ବେଳେ ଏକ କାରରୁ ୧୮ ପେଟି ବିଦେଶୀ ମଦ ଜବତ କରିଥିଲା। ଏହି ମଦ ଚାଲାଣ ଅଭିଯୋଗରେ ଶୁକ୍ରବାର କେ.ନୂଆଗାଁ ଥାନା ଦେଓଖାଳି ଗ୍ରାମର ଆକାଶ ପ୍ରଧାନ ଏବଂ ମୁନା ପ୍ରଧାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ମାମଲା ନଂ.୩୮୬/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିଶ୍ଚର ମନ୍ଦିର ନିକଟରେ ଦିଗପହଣ୍ଡି ଥାନା ଏସଆଇ ଜ୍ୟୋତି ରଞ୍ଜନ ବେହେରା ସଦଳବଳେ ଗାଡ଼ି ମୋଟର ଯାଞ୍ଚ କରୁଥିବା ବେଳେ କାର (ନଂ. ଓଡ଼ି ୩୩ – ଏକେ –୮୬୯୩)ରୁ ମଦ ଜବତ କରିଥିଲେ। ଏ ନେଇ ଥାନା ଏସଆଇ ବେହେରାଙ୍କ ଏତଲା ଦେଇଥିଲେ।

### ବୁକିଂ କରିବାର ବହୁ ଦିନ ପରେ ବି ଲୋକଙ୍କୁ ମିଳୁନି ରନ୍ଧନ ଗ୍ୟାସ ୪୮ ଘଣ୍ଟା ଭିତରେ ଦେବାକୁ ଥିବା ନିୟମକୁ ଫୁ




ଛତ୍ରପୁର,୧୧।୧୦ (ଦିଲ୍ଲୀପ ସାମଲ)

ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖାଉଟିମାନଙ୍କ ସ୍ୱାର୍ଥ ଉପରେ ଗୁରୁତ୍ୱାରୋପ କରି ରନ୍ଧନ ଗ୍ୟାସ ସାମଗ୍ରୀ ଲୋକେ ଯେପରି ବୁକିଂ କରିବାର ୪୮ ଘଣ୍ଟା ଭିତରେ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିତରକ ସଂସ୍ଥାଗୁଡିକୁ ପରାମର୍ଶ ଦେଇଥିଲେ। ଏଥିରେ ଖିଲାପ କଲେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପାତ୍ର ଚେତାବନୀ ଦେଇଥିଲେ। ମାତ୍ର ଛତ୍ରପୁରରେ ଥିବା ଏଚପି ଗ୍ୟାସ ବିତରକଙ୍କ ଉପରେ ଏହାର କିଛି ପ୍ରଭାବ ପଡିନଥିବା ଦେଖିବାକୁ ମିଳୁଛି। ଛତ୍ରପୁରର ଆଇନଜୀବୀ ଡ.ପ୍ରଶାନ୍ତ ଶତପଥୀ ୬ ଦିନ ହେଲା ଘର ପାଇଁ ଏଚପି ଗ୍ୟାସ ବୁକିଂ କରିଥିଲେ ମଧ୍ୟ ଏଯାଏ ତାଙ୍କୁ ମିଳିନାହିଁ। ଏନେଇ ସେ ଅଫିସକୁ ଫୋନ କରି ପଚାରିବାରୁ ପର୍ଯ୍ୟାପ୍ତ ପରିମାଣର ଗ୍ୟାସ ନ ଥିବାରୁ ଏହି ଅସୁବିଧା ହେଉଛି ବୋଲି ଅଫିସ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ସେହିପରି ବିପୁଲିଙ୍ଗି ଗ୍ରାମର ପ୍ରଭାତ ପାଣିଗ୍ରାହୀଙ୍କ ମଧ୍ୟ ସମାନ ଅଭିଯୋଗ। ସେ ୧୫ ଦିନ ହେବ ଏଚପି ଗ୍ୟାସ ବୁକିଂ କରିଥିଲେ ମଧ୍ୟ ଏଯାଏ ତାଙ୍କୁ ମିଳିନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଉଭୟେ ଦାବି କରିଛନ୍ତି।

# ବସୁଧା ଯୋଜନାରେ ମିଳୁନି ପାନୀୟ ଜଳ

**ଅଭିଯୋଗ କଲେ ଶୁଣୁନାହାନ୍ତି ବିଭାଗୀୟ ଅଧିକାରୀ**



ଦାରିଙ୍ଗବାଡି, ୧୧।୧୦ (ଅରୁଣ ସାହୁ) କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଝିଞ୍ଜିରିଗୁଡା ପଞ୍ଚାୟତ କିରାମାହା ଗ୍ରାମରେ ଜଳକଷ୍ଟ ଦେଖାଯାଇଛି। ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ କିରାମାହାକୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଉକ୍ତ ପ୍ରକଳ୍ପ ନିମ୍ନମାନର କାର୍ଯ୍ୟ ଯୋଗୁ ବାରମ୍ବାର ଅଚଳ ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିରାମାହା ସବୁଠାରୁ ବଡ଼ ଗ୍ରାମ। ଗ୍ରାମରେ ପ୍ରାୟ ୪ ଶହ ପରିବାର ବସବାସ କରୁଛନ୍ତି। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ଯୋଗୁ ଗ୍ରାମବାସୀ ନିକଟସ୍ଥ ନାଳରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। କିଛି ଲୋକ ଚୁଆ ଓ ପୋଖରୀ ଜଳ ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଥିବା ଗ୍ରାମର ସୁଶୀଲ ନାୟକଙ୍କ ସମେତ ଅନ୍ୟମାନେ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ କଲେ ଫୋନ ଉଠାଉ ନ ଥିବା ବେଳେ ଟୋଲ ଫ୍ରି ନମ୍ବର ୧୯୧୬କୁ ଫୋନ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ କ୍ଷୀରୋଦ୍ଧ ରାଉତଙ୍କୁ ତାଙ୍କ ମୋବାଇଲ ନଂ. ୭୦୦୮୮୫୩୦୭୮ରେ ଫୋନ କରି ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଶୀଘ୍ର ଜଳ ଯୋଗାଣ ବ୍ୟବସ୍ଥା ନ କଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନଙ୍କ ପରଲୋକ

ପୋଲସରା,୧୧।୧୦(ସୁବ୍ରତ ବେହେରା) ଗଞ୍ଜାମ ଜିଲା କୋଦଳା ଓ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇ ଥର ବିଧାୟକ ହୋଇଥିବା ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଅସୁସ୍ଥତା ହେତୁ ସେ ଦୀର୍ଘଦିନ ଧରି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ଜାଣିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପୋଲସରା ବ୍ଲକର ଘୋଡାପଲାଣ ଗ୍ରାମର ବଳି ପ୍ରଧାନଙ୍କ ଔରସରୁ ନିରଞ୍ଜନ ଜନ୍ମଗ୍ରହଣ କରିଥିଲେ। ୧୯୭୯ରୁ ରାଜନୈତିକ ଜୀବନ ଆରମ୍ଭ କରି ସେ ୧୯୮୦ରେ ଘୋଡାପଲାଣ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦–୯୩ ପର୍ଯ୍ୟନ୍ତ ପୋଲସରା ବ୍ଲକ ଅଧକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୯୫ରେ


ନିରଞ୍ଜନ ପ୍ରଧାନ

ସେ ସ୍ୱାଧୀନ ପ୍ରାର୍ଥୀ ଭାବେ କୋଦଳା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ୨୦୦୪ରେ ବିଜେଡିରୁ କୋଦଳାରୁ ଲଢି ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କୁ ହରାଇ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ପୋଲସରାରୁ ବିଜେଡି ବିଧାୟକ ଭାବେ ପୁଣି ନିର୍ବାଚିତ ହୋଇଥିଲେ। ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟ ନ ମିଳିବାରୁ ସେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ। ଶୁକ୍ରବାର ତାଙ୍କର ମରଶରୀରକୁ ଭୁବନେଶ୍ୱରରୁ ଆଣି ପ୍ରଥମେ ଖଲ୍ଲିକୋଟ, କୋଦଳା ଓ ପରେ ପୋଲସରା ସହରରେ ଶୋଭାଯାତ୍ରା କରି ଘୋଡାପଲାଣ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପୋଲସରା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପ୍ରଧାନ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, କେ. ନୀଳମାଧବ ଆଚାରୀ, ଅଗସ୍ତି ବରାଡ, ସୁରେନ୍ଦ୍ର ପ୍ରଧାନ, ଏସସି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ପୀତବାସ ପ୍ରଧାନ, ସୁରେନ୍ଦ୍ରନାଥ ପ୍ରଧାନ, ମୁନା ମହାପାତ୍ର, ବୁଗୁଡ଼ା ବ୍ଲକ ଉପାଧକ୍ଷ ମାନସ ପ୍ରଧାନଙ୍କ ସହ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ ନିରଞ୍ଜନଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ବିଜେଡି ପାଳିଲାନି ଜୟପ୍ରକାଶଙ୍କ ଜୟନ୍ତୀ

ବ୍ରହ୍ମପୁର,୧୧।୧୦(ନରସିଂହ ସାହୁ): ରାଜ୍ୟରେ ବିଜେଡି ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳନ କରାଯାଇନି । ରାଜ୍ୟରେ ବିଜୁ ଜନତା ଦଳ ସରକାର ୨୦୦୦ରୁ ଆରମ୍ଭ ହୋଇଥିଲା। ସେବେଠାରୁ ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରୁ ୧୧ ତାରିଖ ଲୋକନାୟକଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଦଳ ପକ୍ଷରୁ ପଦଯାତ୍ରା କରାଯାଇ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝାଯାଉଥିଲା। ବ୍ରହ୍ମପୁର ମହାନଗରରେ ମଧ୍ୟ ଏଭଳି ପଦଯାତ୍ରା ମାଧ୍ୟମରେ ଜନ ସମ୍ପର୍କ ସ୍ଥାପନ କରାଯାଉଥିଲା। ନେତା ଓ କର୍ମୀମାନେ ବିଭିନ୍ନ ସାହି ବୁଲି ଲୋକଙ୍କୁ ଭେଟୁଥିଲେ ଏବଂ ସେମାନଙ୍କ ସମସ୍ୟା ବୁଝିବା ସହ ସରକାରଙ୍କୁ ଜଣାଇ ସମାଧାନ ପ୍ରତିଶ୍ରୁତି ମଧ୍ୟ ଦେଉଥିଲେ। ଚଳିତବର୍ଷ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଶୁକ୍ରବାର ହେବାକୁ ଥିବା କାର୍ଯ୍ୟକ୍ରମ ବାତିଲ କରାଯାଇ ବ୍ୟତିକ୍ରମ ହୋଇଛି। ମହାନଗରରେ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳନ କରାଯାଇନି । ଏ ନେଇ ଗଞ୍ଜାମ ଜିଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ବର୍ଷ ଦଶହରା ପୂଜା ଯୋଗୁ ଲୋକେ ବ୍ୟସ୍ତ ରହୁଛନ୍ତି। ତେଣୁ ବ୍ୟତିକ୍ରମ ଘଟିଛି। ଆସନ୍ତା ୨୧ ତାରିଖରୁ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଂଗଠନର ନିର୍ଦ୍ଦେଶ ପ୍ରକାରେ ରେଶମ ସହରରେ ରୀତିମତ ଜନସମ୍ପର୍କ ପଦଯାତ୍ରା ହେବ। କର୍ମୀ ଓ ନେତା ପ୍ରତି ୱାର୍ଡରେ ବୁଥସ୍ତରରେ ନୂଆ ସଦସ୍ୟ ସଂଗ୍ରହ କରିବାକୁ ଚୂଡ଼ାନ୍ତ ହୋଇଛି। ଏହି ଅବସରରେ ନୂଆ ସରକାର ନିର୍ବାଚନ ବେଳେ ସଂକଳ୍ପ ପତ୍ରରେ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନେଇ ମତାମତ ମଧ୍ୟ ସଂଗ୍ରହ କରାଯିବ ବୋଲି ଚ୍ୟାଉବାବୁ ସୂଚନା ଦେଇଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁରଙ୍କୁ ହତ୍ୟା ଘଟଣା ଅଭିଯୁକ୍ତଙ୍କୁ ଧରିଲା ଗୁଜରାଟ ପୋଲିସ

## ମୁଖ୍ୟ ଅଭିଯୁକ୍ତଙ୍କୁ ପାଉନି ପୁରୁଷୋତ୍ତମପୁର ଥାନା ପୋଲିସ


ସୁରଟର କ୍ରାଇମବ୍ରାଞ୍ଚ ପୋଲିସ ନିକଟରେ ନାରାୟଣ ଜେନା ।

ପୁରୁଷୋତ୍ତମପୁର,୧୧।୧୦(ସିମାଞ୍ଚଳ ମିଶ୍ର): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ପୂର୍ବତନ ସରପଞ୍ଚ ନନ୍ଦିନୀ ବେହେରାଙ୍କ ଦେଢ଼ଶୁର କାହ୍ନୁଚରଣ ବେହେରା (୫୫)ଙ୍କୁ ଗତ ମାର୍ଚ୍ଚ ୨୯ ତାରିଖରେ ନିର୍ମମ ଭାବେ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣାର ଜଣେ ଅଭିଯୁକ୍ତ ଅରଖପୁର ଗ୍ରାମର ନାରାୟଣ ଜେନା ଓରଫ ଜିତୁ (୩୩)ଙ୍କୁ ଗିରଫ କରାଯାଇ ଶୁକ୍ରବାର ପୁରୁଷୋତ୍ତମପୁର କୋର୍ଟକୁ ଚାଲାଣ କରାଯାଇଛି । ଏହି ଗିରଫକୁ ନେଇ ଥାନା ଆଇଆଇସି ବିପିନ ବିହାରି ହୋତାଙ୍କ ସହ ଯୋଗାଯୋଗ କରିବାରେ ନାରାୟଣ ସୁରଟରୁ ଫେରିବା ବେଳେ ତାଙ୍କୁ ବ୍ରହ୍ମପୁରଠାରୁ ଗିରଫ କରାଯାଇଥିବା କହିଛନ୍ତି। ହତ୍ୟାକାଣ୍ଡ ଭିଆଇବା ପରେ ନାରାୟଣ ସୁରଟ ଚାଲିଯାଇ ଏକ ସୂତାକଳରେ କାମ କରୁଥିଲେ। ସୁରଟର କ୍ରାଇମବ୍ରାଞ୍ଚ ପୋଲିସ ଗୋଇନ୍ଦା ତଥ୍ୟ ଆଧାରରେ ତାଙ୍କୁ ଗିରଫ କରିଥିବା ନେଇ ସେଠାର ଗଣମାଧ୍ୟମରୁ ଜଣାପଡିଛି । ଅଭିଯୁକ୍ତ ଜିତୁଙ୍କୁ ସୁରଟ ପୋଲିସ ପୁରୁଷୋତ୍ତମପୁର ପୋଲିସକୁ ହସ୍ତାନ୍ତର କରିଛି। ହତ୍ୟାକାଣ୍ଡକୁ ୭ ମାସ ବିତିବାକୁ ଯାଉଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ସ୍ଥାନୀୟ ପୋଲିସର ତତ୍ପରତା ପ୍ରକାଶ ପାଉନି। ଘଟଣାର ୪ ମାସ ପରେ ଗତ ଅଗଷ୍ଟ ୧ ତାରିଖରେ ଟୁକୁନା ନାହାକଙ୍କୁ ଗିରଫ କରି ପୁରୁଷୋତ୍ତମପୁର ପୋଲିସ ଚୁପ ରହିଥିବା ବେଳେ ସୁରଟ ପୋଲିସ ତତ୍ପର ହୋଇଉଠି ନାରାୟଣଙ୍କୁ ଧରିବାରେ ସକ୍ଷମ ହୋଇଛି। ପୁରୁଷୋତ୍ତମପୁର ପୋଲିସର ନିଷ୍କ୍ରିୟତା ଯୋଗୁଁ ଏ ପର୍ଯ୍ୟନ୍ତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କର କୌଣସି ସୁରାକ ମିଳିନାହିଁ।

# ମା’ ରାମଚଣ୍ଡୀ ପୀଠରେ କୁଳରତ୍ନ ପରିବାରଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର, ୧୧।୧୦ (ସନ୍ତୋଷ ପାଢ଼ୀ )

ମା’ ରାମଚଣ୍ଡୀଙ୍କ ପୀଠରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ମଧ୍ୟରେ ଷୋଡ଼ଶ ଦିନାତ୍ମକ ପୂଜା ସମାହିତ ହେଇଛି। ଏହି ଅବସରରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଉପଢୌକନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସପ୍ତମୀ ତିଥିରେ ଏକ ସଭା ହୋଇଥିଲା। ମନ୍ଦିର ସ୍ଥପତି ପଣ୍ଡିତ ବିଜୟ ତ୍ରିପାଠୀ ମନ୍ଦିର ଗଠନ ଶୈଳୀ ସମ୍ପର୍କରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଅବଗତ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ସ୍ୱର୍ଗତ ନିତ୍ୟାନନ୍ଦ ପଣ୍ଡାଙ୍କ ଉଦ୍ଦେଶ୍ୟରେ ମା’ ରାମଚଣ୍ଡୀ ପୀଠର କୁଳରତ୍ନ ଭାବେ ସ୍ମୃତି ଫଳକ ଦେଇ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସ୍ମୃତି ଫଳକକୁ ତାଙ୍କ ପରିବାର ପକ୍ଷରୁ ନୃସିଂହ ପ୍ରସାଦ ପଣ୍ଡା ଓ ଲକ୍ଷ୍ମୀ


ସମ୍ବର୍ଦ୍ଧନା

ଚରଣ ପାଣିଗ୍ରାହୀ ମନ୍ଦିର ଟ୍ରଷ୍ଟ ଓ ପୂଜା କମିଟିଠାରୁ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟୀ ଲକ୍ଷ୍ମୀନୃସିଂହ ପଣ୍ଡା, ପୀଠ ପୁରୋହିତ ରତ୍ନପଣ୍ଡିତ ନବକୃଷ୍ଣ ଆଚାର୍ଯ୍ୟ, ସ୍ଥପତି ପଣ୍ଡିତ ବିଜୟ ତ୍ରିପାଠୀ, ନବଜୀବନ ବେଦ ବିଦ୍ୟାଳୟ ପ୍ରତିଷ୍ଠାତା ବେଦ ବିଭୂଷଣ ଗୁରୁ ଗଙ୍ଗାଧର ପଣ୍ଡା, ପୂଜା କମିଟି କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, କମିଟି ସଦସ୍ୟ କାମାକ୍ଷୀ ପ୍ରସାଦ ପଣ୍ଡା, ସଂଯୋଜକ କମଳ ପଣ୍ଡା, ସହ ସଂଯୋଜକ ତୁଷାର ଶତପଥୀ, ଜ୍ୟୋତିର୍ବିଦ ଦୀପକ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଦିଗପହଣ୍ଡି/ଚିକିଟି,୧୧।୧୦(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)–ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଦେବୀପୁର ଗାଁ ପୋଖରୀରେ ଶୁକ୍ରବାର ଗାଧୋଉଥିବା ବେଳେ ଅସାବଧାନତାରୁ ବୁଡ଼ିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାନ୍ଦପୁର ନିକଟ ପତ୍ରବୁଡ଼ି ଗ୍ରାମର ଶ୍ୟାମ ଗୌଡ଼। ଖବରପାଇ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଚିକିଟି ଅଗ୍ନିଶମ ବାହିନୀ ସହାୟତାରେ ପୋଖରୀରୁ ଶ୍ୟାମଙ୍କ ମୃତଦେହ ବାହାରକୁ ଅଣାଯାଇଥିଲା। ଏନେଇ ଏତଲା ପରେ ଏକ ମାମଲା (ନଂ.୮/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାଲିଗୁଡା,୧୧।୧୦ (ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡା ବ୍ଲକ ଅନ୍ତର୍ଗତ ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓଡ଼ିଶାର ଲୋକକଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବାଲିଗୁଡା ବ୍ଲକ୍‌ର ୧୬ଟି କ୍ଲଷ୍ଟରରୁ ପ୍ରାୟ ୪୦୦ ଛାତ୍ରୀଛାତ୍ର, ଗାଇଡ ଟିଚର, ବିଚାରକ ତଥା କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ପ୍ରତିଯୋଗିତା ଶେଷରେ ଉଦଯାପନ ଉତ୍ସବରେ ବାଲିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ ଯୋଗଦେଇ ତାଙ୍କର ଅଭିଭାଷଣରେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀ, ଅବସରପ୍ରାପ୍ତ ଅଧ୍ୟାପକ ମଧୁସୂଦନ ମହାପାତ୍ର, ଏବିଇଓ ବଳରାମ ବେହେରା, ବଂଶୀଧର ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକାବତୀ ସାହାଣୀ ଯୋଗ ଦେଇଥିଲେ। ଶିଶିରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା ନାହିଁ, ଧାନ ଅମଳ କମିବା ଆଶଙ୍କାରେ ଚାଷୀ

ବେଲଗୁଣ୍ଠା,୧୧।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଚଳିତବର୍ଷର ବିଳମ୍ବିତ ଏବଂ ନିଅଣ୍ଟିଆ ବର୍ଷା ବେଲଗୁଣ୍ଠା ବ୍ଲକ୍‌ର ଧାନ ଚାଷ ଏବଂ ଚାଷୀଙ୍କ ଉପରେ ପ୍ରଭାବ ପକାଇଛି। ବ୍ଲକର ୮୦ ପ୍ରତିଶତ ଜମିରେ ସ୍ଥାୟୀ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଏସବୁ ଜମିର ଚାଷୀମାନେ କେବଳ ବର୍ଷା ଉପରେ ନିର୍ଭର କରିଥାନ୍ତି। ଚଳିତବର୍ଷ ଧାନ ଚାଷ ଆରମ୍ଭରୁ ବର୍ଷାର ଲୁଚକାଳି ଖେଳ ଆରମ୍ଭ ହୋଇଥିଲା। ବିଳମ୍ବିତ ବର୍ଷା ଯୋଗୁଁ ବହୁ ଜମି ଚାଷ ହୋଇ ନ ପାରି ପଡ଼ିଆ ପଡିଥିଲା। ତେବେ ଜୁଲାଇ ଓ ଅଗଷ୍ଟରେ ସ୍ୱାଭାବିକ ବର୍ଷା ହେବାରୁ ଧାନ ଭଲ ହେବ ବୋଲି ଚାଷୀ ଆଶଶ କରିଥିଲା। କିନ୍ତୁ ଠିକ ସମୟରେ ବର୍ଷା ପୁଣି ଠକିଛି। ବର୍ତ୍ତମାନ ଧାନଗଛ ଫଳ ଧରିବା ସମୟ। ଏହି ସମୟରେ ପ୍ରଚୁର ପାଣିର ଆବଶ୍ୟକତା ଥାଏ। କିନ୍ତୁ ଦୀର୍ଘଦିନ ହେବ ବର୍ଷା ଉଭାନ ହୋଇଯାଇଛି। ଜମି ଫାଟି ଆଁ କଲାଣି। ଜଳଭଣ୍ଡାର ଗୁଡ଼ିକରେ ମଧ୍ୟ ଜଳସ୍ତର ହ୍ରାସ ପାଇଛି। ଫଳରେ ଜଳ ଅଭାବରେ ଧାନ



ଧାନଗଛ ଶୁଖିଲା ଅବସ୍ଥାରେ ରହିଛି।

ଗଛଗୁଡ଼ିକ ଶୁଖିଲା ଦେଖାଗଲାଣି। ବେଲଗୁଣ୍ଠା ବ୍ଲକର ବଡ଼ବୋରସିଂ, ଗୋବରା, ଗାଙ୍ଗପୁର, କ୍ଷତ୍ରିୟବରପୁର ଆଦି ପଞ୍ଚାୟତରେ ଉଠା ଜଳ ସେଚନର କୌଣସି ସୁବିଧା ନ ଥିବା ବେଳେ ମାତ୍ର ଅଳ୍ପ କିଛି ପ୍ରତିଶତ ଜମିକୁ କେନାଲ୍ ସଂଯୋଗ ରହିଛି। ଫଳରେ ଏହି ଅଞ୍ଚଳର ଧାନ ଚାଷୀମାନେ ଜଳ ସେଚନ ପାଇଁ ବର୍ଷା ଉପରେ ହିଁ ନିର୍ଭର କରିଥାଆନ୍ତି। କିନ୍ତୁ ବର୍ତ୍ତମାନ ଦୀର୍ଘଦିନ ଧରି ବର୍ଷା ନଥିବାରୁ ଧାନ କ୍ଷେତ ଗୁଡ଼ିକରେ ଜଳ ସେଚନ ହୋଇପାରିନାହିଁ। ଫଳରେ ଅଞ୍ଚଳରେ ଧାନ ଫସଲ ମରିବାକୁ ବସିଲାଣି। ବର୍ଷା ଅଭାବରୁ ଧାନ ଅମଳ ପ୍ରଭାବିତ ହେବା ନେଇ ଅଞ୍ଚଳର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅଞ୍ଚଳର ଧାନ ଚାଷ ସେମାନଙ୍କ ପରିବାର ପ୍ରତିପୋଷଣର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଚାଷ ପ୍ରଭାବିତ ହୋଇଥିବାରୁ ଚାଷୀ ନିଜର ବର୍ଷକର ଆହାର କିପରି ଯୋଗାଡ଼ କରିବ ସେ ନେଇ ଚିନ୍ତା କରୁଛି। ତେଣୁ ବର୍ତ୍ତମାନ ଚାଷୀଙ୍କ ଧାନ ଫସଲକୁ ବଞ୍ଚାଇବା ପାଇଁ ସରକାରୀ ସ୍ତରରେ ଟ୍ୟାଙ୍କର୍ ମାଧ୍ୟମରେ ଜମିକୁ ଜଳ ଯୋଗାଇଦେବା ପାଇଁ ବହୁ ଚାଷୀ ଅନୁରୋଧ କରିଛନ୍ତି। ସେହିପରି ଜଳ ସେଚନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଣ ଜଳ ସେଚିତ ଜମି ଗୁଡିକରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି। ବିଗତ ଦିନଗୁଡ଼ିକରେ ଅଞ୍ଚଳର ଚାଷୀମାନେ ଜଳସେଚନ ପ୍ରକଳ୍ପ ପାଇଁ ବାରମ୍ବାର ଦାବି କରି ଆସିଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ସେହିପରି କେନାଲ୍ ଗୁଡ଼ିକର ଠିକ୍ ମରାମତି ଏବଂ ସଫା କରାଯାଇ ନ ଥିବାରୁ ଅଞ୍ଚଳର ଜମି ଗୁଡ଼ିକରେ ଉତ୍ତମ ଜଳ ସେଚନ ହୋଇପାରୁନାହିଁ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ଜଳସେଚନ ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।



**ମହାଷ୍ଟମୀରେ ମହାମାୟା:** ବିଜିପୁର ତୋଟାସାହି



ଦଳୁଆ ସାହି



ଗଜପତିନଗର ୬ଷ୍ଠ ଲାଇନ



ଜେନାସାହି



ବୁଗୁଡା ବସ୍‌ଷ୍ଟାଣ୍ଡ



ଆସିକା ବସ୍‌ଷ୍ଟାଣ୍ଡ



ବେଲଗୁଣ୍ଠା କ୍ଷେତ୍ରୀୟବରପୁର



ଭଞ୍ଜନଗର ଜଳ ସେଚନ ବିଭାଜନ କାର୍ଯ୍ୟାଳୟ

# ଡାକ ଶୁଣନ୍ତି ମା' ନାକ୍ଟିଭବାନୀ



ପାରଳାଖେମୁଣ୍ଡି,୧୧।୧୦(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠ ଜାଜପୁରଠାରେ ପୂଜିତା ଗ୍ରାମ ଦେବୀ ମା' ନାକ୍ଟିଭବାନୀ ଭକ୍ତିର ସହ ଡାକିଲେ ଭକ୍ତର ଡାକ ଶୁଣନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମା'ଙ୍କ ନବରାତ୍ର ପୂଜା ଚାଲିଛି। ମା'ଙ୍କ ଦର୍ଶନ ପାଇଁ ପ୍ରତ୍ୟହ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମା' ନାକ୍ଟିଭବାନୀ ବହୁ ପୁରାତନ କାଳରୁ ଜାଜପୁର ଗ୍ରାମ ଦେବୀ ଭାବରେ ପୂଜା ପାଇଁ ଆସୁଛନ୍ତି। ପ୍ରତି ପାଞ୍ଚବର୍ଷରେ ଥରେ ୯ ଦିନ ଧରି ଠାକୁରାଣୀ ଯାତ୍ରା ହୋଇଥାଏ। ସେହିପରି ପ୍ରତିବର୍ଷ ଚୈତ୍ରମାସରେ ମଧ୍ୟ ମା'ଙ୍କ ଗଜାମୁହା ଶୀତଳମଣି ଯାତ୍ରା ହୋଇଥାଏ। କଥିତ ଅଛି ମା'ଙ୍କୁ ଡାକିଲେ, ପୂଜାର୍ଚ୍ଚନା କଲେ ଶ୍ରଦ୍ଧାଳୁଙ୍କ ସବୁ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ମା' ସବୁବେଳେ ଅଞ୍ଚଳବାସୀଙ୍କୁ ସମସ୍ତ ବିପଦ, ରୋଗରୁ ସୁରକ୍ଷା ଦେବା ସହ ସମସ୍ତ ଭକ୍ତ ଯେମିତି ସୁଖ ସମୃଦ୍ଧିରେ ରହିବେ ସେଥିପାଇଁ ଆଶୀର୍ବାଦ ଦେଇଥାନ୍ତି। ମା'ଙ୍କ ଦର୍ଶନ ପାଇଁ ଆନ୍ଧ୍ରପ୍ରଦେଶରୁ ମଧ୍ୟ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥାଏ।

## 'କଳିଙ୍ଗର ସ୍ୱର' ସାହିତ୍ୟ ପତ୍ରିକା ଲୋକାର୍ପିତ

ବ୍ରହ୍ମପୁର,୧୧।୧୦(ସ୍ମୃତିରଞ୍ଜନମହାଲିକ)

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିତୀୟ ସାହିତ୍ୟ ପତ୍ରିକା କଳିଙ୍ଗର ସ୍ୱର ପ୍ରଥମ ବର୍ଷ ଓ ପ୍ରଥମ ସଂଖ୍ୟା ଲୋକାର୍ପିତ ହୋଇଯାଇଛି। ଅନୁଷ୍ଠାନ ପ୍ରାକୋଷ୍ଠରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ସମାଜର ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢ଼ି ସଭାପତିତ୍ୱ କରିଥିଲେ। ଏହି ସଂଖ୍ୟାରେ ୨୧ ପ୍ରବନ୍ଧ ଓ ସମାଲୋଚନା, ୨୮ କବିତା, ଗୋଟିଏ କ୍ଷୁଦ୍ର ନାଟକ ଓ ୪ କ୍ଷୁଦ୍ର ଗଳ୍ପ ପ୍ରକାଶ ପାଇଛି। ସମାଲୋଚକ ରୂପେ ଡ. ଲମ୍ବୋଦର ପାଣିଗ୍ରାହୀ, ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ି, ଉପସଭାପତି ଡ. ବନମାଳି ପାଣିଗ୍ରାହୀ, କୋଷାଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, କବି ଡ. କୁଳମଣି ଓଝା, ସୁଶାନ୍ତ ଦାସ, ଅନୁପ କୁମାର ମିଶ୍ର, ଆଲୋଚକ ଡ. ହୃଷୀକେଶ ପଣ୍ଡା, ସାହିତ୍ୟ ସମାଜର ସଂପାଦକ ଡ. ଶରତ କୁମାର ଜେନା, ଆଲୋଚକ ଭାବେ ଡ. ସଞ୍ଜୟ କୁମାର ପଣ୍ଡା, ଡ. ଅଶୋକ କୁମାର ପଣ୍ଡା, ନଳିନୀକାନ୍ତ ଗୌଡ, ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଉପସ୍ଥିତ ରହି ପତ୍ରିକାରେ ସ୍ଥାନିତ ଲେଖାଗୁଡିକ ସଂପର୍କରେ ସମୀକ୍ଷା କରିଥିଲେ। ସାହିତ୍ୟ ସମାଜ ପକ୍ଷରୁ ଉକ୍ତ ପତ୍ରିକାଟି ନିୟମିତ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି।



ଅତିଥିମାନେ ପୁସ୍ତକ ଲୋକାର୍ପିତ କରୁଛନ୍ତି।

# ନିଆରା ପରମ୍ପରା କୁଙ୍କୁମ ପୂଜା

**ଛତ୍ରପୁର,୧୧।୧୦**
**(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):**

**ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ତେଲଗୁ ସମ୍ପ୍ରଦାୟର ମହିଳା**



କୁଙ୍କୁମ ପୂଜା କରୁଛନ୍ତି ତେଲଗୁ ସମ୍ପ୍ରଦାୟର ମହିଳାମାନେ।

ଗଞ୍ଜାମ ଜିଲାର ବ୍ରହ୍ମପୁର ଓ ଛତ୍ରପୁର ସହରରେ ଉଭୟ ତେଲୁଗୁ ଓ ଓଡ଼ିଆ ଭାଷାଭାଷୀ ଲୋକେ ବସବାସ କରୁଥିବା ବେଳେ ପଡ଼ୋଶୀ ଆନ୍ଧ୍ରର କେତେକ ରିତିନୀତି, ସଂସ୍କୃତି ଏଠାରେ ପ୍ରଚଳିତ ହେଉଛି। ସଂପ୍ରତି ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମା ଠାକୁରାଣୀଙ୍କ ନବରାତ୍ର ପୂଜା ଚାଲିଛି। ଏଥିଲାଗି ରଙ୍ଗୀନ ଆଲୋକମାଳା ଏବଂ ମନ୍ତ୍ର ଶ୍ଳୋକରେ ସ୍ଥାନଟି ମୁଖରିତ ହେଉଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନବରାତ୍ର ମହାଷ୍ଟମୀରେ ତେଲଗୁ ସମ୍ପ୍ରଦାୟର ସଧବା ମହିଳାମାନେ କୁଙ୍କୁମ ପୂଜା କରିଛନ୍ତି। ମହିଳାମାନେ ସ୍ୱାମୀଙ୍କର ଦୀର୍ଘାୟୁ କାମନା ସହ ଘରେ ଧନଧାନ୍ୟ, ଐଶ୍ୱର୍ଯ୍ୟପ୍ରାପ୍ତି ନିମନ୍ତେ ଏହାକୁ ବ୍ରତ ଭାବେ ପାଳନ କରିଥାନ୍ତି। ସେମାନେ ବିଭିନ୍ନ ପୂଜା ସାମଗ୍ରୀ ସହ ହଳଦୀ କୁଙ୍କୁମ, ପାନପତ୍ର, ଗୋଟା ଗୁଆ ଆଦିରେ ପୂଜା ସମ୍ପାଦନା କରିଥାନ୍ତି। ମା' ରାମାୟଣାମ୍ମାଙ୍କ ମନ୍ଦିର ପରିସରରେ ଥିବା ସୌଭାଗ୍ୟ କଲ୍ୟାଣ ମଣ୍ଡପରେ ଏହି କୁଙ୍କୁମ ପୂଜା ହୋଇଥିଲା। ୧୮୫ ଜଣ ସଧବା ନାରୀ ଏହି ପୂଜାରେ କର୍ତ୍ତା ଭାବେ ବସିଥିଲେ। ପୁରୋହିତ ପଣ୍ଡିତ ଜାଲେପାଲ୍ଲୀ ହରି ଗୋପାଳ ଶାସ୍ତ୍ରୀଜୀ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ପୂଜା କାର୍ଯ୍ୟ ସୁରୁଖୁରେ ସମ୍ପନ୍ନ କରିଥିଲେ। ମନ୍ଦିର କମିଟି ତରଫରୁ ପରିଚାଳିତ ହୋଇ ଆସୁଥିବାବେଳେ ପୂଜା କମିଟିର ସମ୍ପାଦକ ବି. ଶ୍ରୀନିବାସ ସଂଯୋଜନା କରିଥିଲେ।

## ମେଡିକାଲ ଫାଣ୍ଡିରେ ୨ ଅପମୃତ୍ୟୁ ମାମଲା

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ ଫାଣ୍ଡିରେ ଶୁକ୍ରବାର ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସାପ କାମୁଡାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଘଟଣାରେ ଜଣେ ବ୍ୟବସାୟୀ ଆତ୍ମହତ୍ୟା କରିଛନ୍ତି। ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୬୫୩/୨୪ ଓ ୬୫୪/୨୪ ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲସରା ଥାନା ସୋଡକ ଗ୍ରାମର ସୁଜତା ବେହେରା(୨୫) ଗୁରୁବାର ଧାନ ଜମିକୁ କାମ କରିବାକୁ ଯାଇଥିବା ବେଳେ ସେଠାରେ ମଧ୍ୟାହ୍ନରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସେ ଚିତ୍କାର କରି ସେଠାରେ ପଡିଯାଇଥିଲେ। ସେଠାରେ କାମ କରୁଥିବା ଅନ୍ୟ ମହିଳାମାନେ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ପୋଲସରା ମେଡିକାଲ ଓ ପରେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା। ସେହିପରି ଅନ୍ୟପକ୍ଷରେ ହିଞ୍ଜିଳିକାଟୁର ସୂର୍ଯ୍ୟନାରାୟଣ ପୃଷ୍ଟି(୪୯) ଜଣେ ବ୍ୟବସାୟୀ। ତାଙ୍କ ବ୍ୟବସାୟରେ ଭାଗୁଆଳି (ପାର୍ଟନର) ତାଙ୍କ ଠାରୁ ୩ଲକ୍ଷ ଧାର ନେଇଥିଲେ। ସୂର୍ଯ୍ୟନାରାୟଣ ଉକ୍ତ ଟଙ୍କା ଫେରାଇବାକୁ ତାଙ୍କ ବନ୍ଧୁଙ୍କୁ କହୁଥିଲେ। ହେଲେ ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ସେ ବ୍ୟବସାୟୀଙ୍କୁ କହିଥିଲେ। ଫଳରେ ସେ କିଛିଦିନ ହେଲା ମାନସିକ ଚାପରେ ରହୁଥିଲେ। ଶୁକ୍ରବାର ନିଜ ଘରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେସନ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଏକ ଚଳନ୍ତା ଟ୍ରେନ ସମ୍ମୁଖକୁ ଡେଇଁ ସେ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଜିଆରପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ବୟସ ଅନୁମାନିକ ୪୫ ହେବ ବୋଲି କୁହାଯାଇଛି। ଏ ନେଇ ଜିଆରପି ଥାନାରେ ନଂ ୮୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଅପରାହ୍ନ ପ୍ରାୟ ୪ଟା ବେଳେ ଖୋର୍ଦ୍ଧାରୋଡ ପଟୁ ବ୍ରହ୍ମପୁର ରେଳଷ୍ଟେସନ ଆଡକୁ ଆସୁଥିବା ପୁରୀ ଗୁଣପୁର ଏକ୍ସପ୍ରେସଟି ରାମନଗର ଫାଟକ ଅତିକ୍ରମ କରି ଦୁଇ ନମ୍ବର ପ୍ଲାଟଫର୍ମକୁ ପ୍ରବେଶ କରୁଥିଲା। ପ୍ଲାଟଫର୍ମ ଉପରେ ଠିଆ ହୋଇଥିବା ଉକ୍ତ ଯୁବକ ଜଣଙ୍କ ଟ୍ରେନ ସମ୍ମୁଖକୁ ଡେଇଁ ପଡିଥିଲେ। ଟ୍ରେନ ଧକ୍କାରେ ସଂପୃକ୍ତ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାଦେଖି ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ଟ୍ରେନ ଡ୍ରାଇଭରଙ୍କ ରିପୋର୍ଟ ଆଧାରାରେ ପୋଲିସ ଘଟଣା ସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲା। ଟ୍ରେନଟି ସେଠାରେ ପ୍ରାୟ ୧୫ ମିନଟ ଅଟକି ରହିଥିଲା। ସେଠାରୁ ମୃତଦେହ ହଟିବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା ବୋଲି ପୋଲିସ କହିଛି।

## ଭଡ଼ାଘରେ ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଇଞ୍ଜିନିୟରିଂ ସ୍କୁଲ ଛକ ନିକଟରେ ରହୁଥିବା ଆସିକା ଅଞ୍ଚଳର ଜଣେ ଯୁବକ ଶୁକ୍ରବାର ତାଙ୍କ ଭଡାଘରେ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ସନ୍ତୋଷ କୁମାର ବେହେରା(୨୪)। ପୋଲିସ ମୃତଦେହ ଜବତ କରିଛି। ରାତ୍ର ହୋଇଯାଇଥିବାରୁ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ଶନିବାର ପଞ୍ଚନମା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ସନ୍ତୋଷ ବ୍ରହ୍ମପୁରରେ ରହି ଠେଲା ଗାଡିରେ ବ୍ୟବସାୟ କରୁଥିଲେ। କିଛି ମାସ ତଳେ ସେ ପ୍ରେମ ବିବାହ କରିବା ପରେ ନିଜ ସ୍ତ୍ରୀ ସହ ଏଠାରେ ଭଡା ଘରେ ରହୁଥିଲେ। ହେଲେ ସନ୍ଧ୍ୟାରେ ଘରେ କେହି ନଥିବା ବେଳେ ସନ୍ତୋଷ ନିଜ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରି ଦେଇଥିଲେ। ଖବରପାଇ ବୈଦ୍ୟନାଥପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତବେ ଆର୍ଥିକ ସମସ୍ୟାରୁ ସନ୍ତୋଷ ଏଭଳି ପଦକ୍ଷେପ ନେଇଥିବା ଶୁଣିବାକୁ ମିଳିଥିବା ବେଳେ ତାଙ୍କର ପରିବାରିକ ସମସ୍ୟା ରହିଥିଲା ବୋଲି ମଧ୍ୟ ନିକଟତମ ବ୍ୟକ୍ତିମାନେ କହିଛନ୍ତି।

# ନବରାତ୍ରି ସପ୍ତମୀରେ କନ୍ୟା ପୂଜନ




କନ୍ୟାମାନଙ୍କୁ ପୂଜା କରାଯାଉଛି।

ବ୍ରହ୍ମପୁର,୧୧।୧୦(ସ୍ମୃତି ରଞ୍ଜନ ମହାଲିକ)

ନବରାତ୍ରର ସପ୍ତମୀରେ ଭାରତ ବିକାଶ ପରିଷଦ ବ୍ରହ୍ମପୁର ଶାଖା ପକ୍ଷରୁ ଗୁରୁବାର କନ୍ୟା ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ୯ ଅବତାରକୁ ଅନୁସରଣ କରି ପରିଷଦର ମହିଳା ସଦସ୍ୟମାନେ ୯ କୁମାରୀ କନ୍ୟାଙ୍କୁ ବସାଇ ବିଧି ମୁତାବକ ସମସ୍ତଙ୍କୁ ଅଳତା, ସିନ୍ଦୁର ଓ କୁଙ୍କୁମ ଆଦି ଲଗାଇ ସେମାନଙ୍କ ପାଦ ଧୋଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ପରେ ସେମାନଙ୍କୁ ଫୁଲ ଚନ୍ଦନ ଦେଇ ମନ୍ତ୍ରୋଚାରଣ ସହ ପୂଜା କରିଥିଲେ। ମହିଳା ସଦସ୍ୟାମାନେ କନ୍ୟାଙ୍କୁ ବିଭିନ୍ନ ପ୍ରକାର ଉପହାର ଦେଇଥିଲେ। ଏଥିସହ କନ୍ୟାମାନେ ନାନା ପ୍ରକାର ଫଳ, ମିଠା ଓ ହାଲୁଆ ଆଦି ଭୋଜନ କରିଥିଲେ। ମହିଳା ବାଲ ସଂସ୍କାର ସଂଯୋଜିକା କେ ଏନ ରାଣୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରଶ୍ମି ପ୍ରଭା ଦାଶ, ଆରତୀ ପଣ୍ଡା, ନମିତା ପାଢ଼ି, କେ ସରସ୍ୱତୀ, ସୁଷମା ମହାରଣା, ସୁନିତା ସାହୁ ଓ ବହୁ ମହିଳା ଯୋଗ ଦେଇଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ବ୍ୟାୟାମ କେନ୍ଦ୍ର ଜରାଜୀର୍ଣ୍ଣ

ବ୍ରହ୍ମପୁର,୧୧।୧୦(ସ୍ୱାଧୀନ ଶେଖର ପାଢ଼ୀ)




ଜରାଜୀର୍ଣ୍ଣ ବ୍ୟାୟାମ କେନ୍ଦ୍ର।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଥିବା ବ୍ୟାୟାମ କେନ୍ଦ୍ର ଦୀର୍ଘ ବର୍ଷ ହେବ ଜରାଜୀର୍ଣ୍ଣ ହୋଇପଡିଛି। କେନ୍ଦ୍ରର ବାହାରେ ତାଲା ଝୁଲୁଛି। ପାରିପାର୍ଶ୍ୱିକ ଅଞ୍ଚଳରେ ଲଟାବୁଦା ମାଡି ଯାଇଛି। ବିଦ୍ୟାର୍ଥୀଙ୍କ କ୍ରୀଡା ପ୍ରସ୍ତୁତି ସାମଗ୍ରୀ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାରେ ଲାଗିଛି। ସେହିପରି ବିଶ୍ୱବିଦ୍ୟାଳୟ ଖେଳ ପଡିଆର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ନଥିବାଭଳି ମନେ ହେଉଛି। ସେପଟେ କ୍ରୀଡ଼ାବିତ ଭିତ୍ତିଭୂମି ଥାଇ ଏହାର ସଦୁପଯୋଗ ହୋଇପାରୁନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ରୀଡା ବିକାଶ ପାଇଁ ନୂଆ ପଦକ୍ଷେପ ନେଇପାରୁନଥିବାବେଳେ ପୁରାତନ କ୍ରୀଡା ଭିତ୍ତିଭୂମି ଅସଜଡା ହୋଇଯାଇଛି। କ୍ରୀଡା ପାଇଁ ଉକ୍ତ ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଏଭଳି ଅବ୍ୟବସ୍ଥା କ୍ରୀଡାପ୍ରେମୀଙ୍କୁ ବ୍ୟଥିତ କରିଛି। ଖେଳପଡିଆରେ ଥିବା ଏହି ବ୍ୟାୟାମ କେନ୍ଦ୍ର ଓ ଟେବୁଲ ଟେନିସ ଇନଡୋର୍ ଖେଳ ଗୃହକୁ ତତ୍କାଳୀନ ଜଷ୍ଟିସ ଏମ. ପାପାନ୍ନା ୨୦୦୨ ଫେବୃଆରୀ ୨୮ ତାରିଖ ଉଦଘାଟନ କରିଥିଲେ। ଦୁଇ ମହଲା ବିଶିଷ୍ଟ କୋଠାରେ ତଳ ମହଲା କ୍ରୀଡା ଓ ଉପର ମହଲା ଶାରୀରିକ ବିକାଶ ନିମନ୍ତେ ଉଦ୍ଦିଷ୍ଟ ଥିଲା। ଏହି କୋଠାରେ ଟିଟି, ଟେନିସ, ଚେସ, ବ୍ୟାଡମିଣ୍ଟନ ପରି ବହୁ ଖେଳ ହେଉଥିଲା। କିଛି ବର୍ଷ ପରେ ଉପର ମହଲାରେ କଲେଜ ଦ୍ୱାରା ଶାରୀରିକ ବିକାଶ ନିମନ୍ତେ ବ୍ୟାୟାମ କେନ୍ଦ୍ର ଖୋଲିଥିଲା। ସାଇକେଲିଂ ଠାରୁ ଆରମ୍ଭ କରି ବିଭିନ୍ନ ଶାରୀରିକ କ୍ରୀଡା ଉପକରଣ ଓ ଅନ୍ୟାନ୍ୟ ଖେଳ ସରଞ୍ଜାମ କଲେଜ ପାଣ୍ଠିରୁ କ୍ରୟ କରାଯାଇଥିଲା। ସେହିପରି ଖେଳ ପାଇଁ ସମୟ ମଧ୍ୟ ନିର୍ଦ୍ଧାରିତ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଓ କର୍ମଚାରୀ ଅଭାବରୁ ଏହାକୁ ପରିଚାଳନା କରାଯାଇପାରିଲାନି। ଏବେ ଏଠାରେ ତାଲା ଝୁଲୁଥିବା ବେଳେ ଅନାବନା ଗଛ ମାଡିଯାଇ କୋଠାରେ ଫାଟ ସୃଷ୍ଟି ହୋଇଛି। ସେହିପରି ଏହାକୁ ଲାଗି ପଡିଆରେ ଏକ ଶୌଚାଳୟ ରହିଛି। ଏହା ଅପରିଷ୍କାର ହୋଇପଡିଥିବାବେଳେ ପାନୀୟ ଜଳ ବ୍ୟବସ୍ଥା ଦୟନୀୟ ହୋଇପଡିଛି। ଏଭଳି ପାରିପାର୍ଶିକ ଅବସ୍ଥା ଦେଖି ଏହି ଅଞ୍ଚଳଟି ଏବେ ଅସାମାଜିକ ତଥା ନିଶାଡ଼ିଙ୍କ ଆଡ୍ଡା ପାଲଟିଛି। କର୍ମଚାରୀ ଅଭାବରୁ ରକ୍ଷଣାବେକ୍ଷଣ ସହ ସୁରକ୍ଷାକୁ ଧ୍ୟାନ ଦିଆଯାଉନଥିବା କ୍ରୀଡାପ୍ରେମୀମାନେ ଅଭିଯୋଗ କରିଛନ୍ତି। ସମସ୍ୟା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବାରେ ମରାମତି ପାଇଁ କେନ୍ଦ୍ରଟି ବନ୍ଦ ରହିଛି। ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି ଏବଂ ପ୍ରତିଦିନ ଏଠାରେ ଖେଳ କସରତ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସେହିଭଳି ପାଖରେ ଥିବା ଶୌଚାଳୟ ଓ ଏହାର ପରିବେଶକୁ ଖୁବ ଶୀଘ୍ର ପରିଷ୍କାର କରାଯିବ ବୋଲି କହିଛନ୍ତି।

